# Akashvani, Sambalpur

## SAMBALPURI NEWS EVENING BULLETIN

## 10 March 2026-7.02- 7.12 pm.

---

୧- ନାଗରିକମାନ୍‌କୁ ସୁରକ୍ଷା ଆଉ ନ୍ୟାୟ ଦେବାର୍ ଦିଗେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଂକଳ୍ପର୍ ସବୁନୁ ବର୍‌କସ୍ ପ୍ରମାଣ୍ ହେଉଛେ ଭାରତୀୟ ନ୍ୟାୟ ସଂହିତା- କହେଲେ ମୁଖ୍ୟମନ୍ତ୍ରୀ ।

୨- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ରାଏଜର୍ ସ୍ୱାର୍ଥ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ହେଇଛେ ଆଲୋଚନା ।

୩- ରାଏଜେ ରେଲ୍ ଯୋଗାଯୋଗ୍ ଆଉ ପରିବହନ୍ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ୯ ଟା ଷ୍ଟେସନ୍ ଦେଇକରି ଚଲାଚଲ୍ କର୍‌ବା ଅମୃତ୍ ଭାରତ୍ ଟ୍ରେନ୍ ।

୪- ରାଏଜେ ରନ୍ଧା ଗେସ୍ ଭର୍‌ପୁର୍ ମାତ୍ରାଥି ମହଜୁଦ୍ ଅଛେ- କହେଲେ ମୁଖ୍ୟ ଶାସନ୍ ସଚିବ ।

ଆଉର୍

୫- ସମ୍ବଲ୍‌ପୁର୍ ନ ଆଏଜ୍ ମହିଳା ଆୟୋଗ୍‌ର ହେଲା ଜନଶୁଣାଣି ।

ଭାରତୀୟ ନ୍ୟାୟସଂହିତା ପ୍ରଦର୍ଶନୀ        ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ଭାରତୀୟ ନ୍ୟାୟସଂହିତା ପ୍ରଦର୍ଶନୀ ବୁଲି ଦେଖିଛନ୍ । ପ୍ରଦର୍ଶନୀକେ ଆଉ ୨ ଦିନ୍ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଘୋଷ୍‌ନା କରିଛନ୍ । ପ୍ରଦର୍ଶନୀ ବୁଲିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ନାଗରିକମାନ୍‌କୁ ସୁରକ୍ଷା ଆଉ ନ୍ୟାୟ ଯୁଗେଇ ଦେବାର୍ ଦିଗେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସଂକଳ୍ପର୍ ସବୁନୁ ବର୍‌କସ୍ ପ୍ରମାଣ୍ ହେଉଛେ ଭାରତୀୟ ନ୍ୟାୟ ସଂହିତା । ନୂଆଁ ଆଇନ୍ ଲାଗୁ ହେଲା ଉତ୍‌ରୁ ଦେଶେ ଅପରାଧ୍ ନିୟନ୍ତ୍ରଣ୍ ଢାଂଚାଥି ଉପନିବେଶ୍‌ବାଦୀ ଯୁଗ୍ ଶେଷ୍ ହେଇଛେ । ୨୦୨୫ ମସିହା ଶେଷ୍ ସମିଆ ବେଲ୍‌ତକ୍ ଓଡ଼ିଶା ନ ଭିନ୍ ଭିନ୍ ମାମ୍‌ଲାର୍ ଦୋଷୀ ସାବ୍ୟସ୍ତ ହାର ୮୭ ଦଶ୍‌ମିକ୍ ୬ ପ୍ରତିଶତ୍ ବଢ଼ିଛେ । ଜିରୋ ଏଫ୍‌ଆଇଆର୍ ସଂଖ୍ୟା ଭିଲ୍ ଶହେ ୬୬ ପ୍ରତିଶତ୍ ବଢ଼ିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ବିଧାନ୍‌ସଭା          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପ୍‌ଥି ଆଏଜ୍ ଗୃହ କାର୍ଯ୍ୟ ଠିକ୍ ଭାବେ ଚାଲିଥିଲା । ପ୍ରଶ୍ନକାଳ, ଶୂନ୍ୟକାଳ ଉତ୍‌ରୁ ବିରୋଧୀ ଆଉ ଶାସକ୍ ଦଲର୍ ସଦସ୍ୟମାନେ ମୁଲ୍‌ତବୀ ପ୍ରସ୍ତାବ୍ ଆଲୋଚନାଥି ଭାଗ୍ ନେଇଥିଲେ । ପ୍ରଶ୍ନକାଳ ଶେଷ୍ ହେବାର୍ ଉତ୍‌ରୁ ଦୁହି ଦଲର୍ ସଦସ୍ୟମାନେ ଶୂନ୍ୟକାଳ ସମିଆଥି ରାଜ୍ୟର୍ ସ୍ୱାର୍ଥ ବାବଦ୍ ବହୁତ୍‌ଟେ ପ୍ରସଙ୍ଗ ଉପ୍‌ରେ ଗୃହ ନ ତଥ୍ୟ ଉପସ୍ଥାପନ୍ କରିଥିଲେ । ଆଲୋଚନା ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ମୁଲ୍‌ତବୀ ପ୍ରସ୍ତାବ୍‌କେ ଖାରଜ୍ କର୍‌ବାର୍ ସହେତେ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ଉପର୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହେଲା ପରେ ଭିଲ୍ ଠିକ୍ ଭାବେ କାମ୍ ଚାଲିଥିଲା ।

ପଂଚାୟତିରାଜ୍ ମନ୍ତ୍ରୀ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସବୁ ଗାଁକେ ଆଏବା ବଛର୍ ମାର୍ଚ୍ଚ ମାସ୍‌ତକ୍ ପାଇପ୍ ଜରିଏ ସଫା ପିଇବାର୍ ପାଏନ୍ ଯୁଗେଇ ଦିଆଯିବା ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍

ନାଏକ୍ ବିଧାନ୍‌ସଭା ନ ଆଏଜ୍ କହିଛନ୍ । ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ଇ ସମିଆ ଭିତ୍‌ରେ ରାଏଜେ ୨ ଶହ ୭ ଟା ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ୍ ହେବା । ୨୦୧୯ ମସିହା ଅଗଷ୍ଟ ମାସ୍‌ତକ୍ ରାଏଜେ ୩ ଲାଖ୍‌ନୁ ଅଏତ୍‌କା ପରିବାର୍‌କେ ଟେପ୍ ଜରିଏ ପିଇବାର୍ ପାଏନ୍ ଯୁଗେଇ ଦିଆଯାଇଥିଲା । ଇ ମାସର୍ ୫ ତାରିଖ୍‌ତକ୍ ୬୮ ଲାଖ୍‌ନୁ ଅଏତ୍‌କା ପରିବାର୍‌କେ ପିଇବାର୍ ପାଏନ୍ ଯୁଗେଇ ଦିଆଯାଇଛେ । ଏବ୍‌ତକ୍ ୨୬ ଟା ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ୍ କାମ୍ ସରିଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍, ପାନୀୟ ଜଳ ଯୋଗାଣ ଦିଗେ ଅବ୍‌ହେଲା ନଜର୍‌କେ ଆସ୍‌ଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ଯେନ୍ ଇଲାକା ନ ପିଇବାର୍ ପାନିର୍ ସମସ୍ୟା ରହିଛେ । ସେନ ନଲ୍‌କୂଆଁ କୁଡ୍‌ବାର୍ ସହେତେ ଟେଙ୍କର୍‌ଥି ପିଇବାର୍ ପାଏନ୍ ଯୁଗେଇ ଦେବାର୍‌କେ ମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିବାର୍ କହିଛନ୍ ।

ବିଧାନ୍‌ସଭା- ମଗର୍ ସଂଖ୍ୟା ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ଗଲାବଛର୍ ଠାନୁ ଇ ବଛର୍ ମଗର୍ ମାନ୍‌କର୍ ସଂଖ୍ୟା ୪ ଦଶ୍‌ମିକ୍ ୫/୪ ପ୍ରତିଶତ୍ ବଢ଼ିଛେ ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ସୂଚ୍‌ନା ଦେଇଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ଇହାଦେ ରାଏଜେ ୨ ହଜାର୍ ଶହେ ୯୩ ଟା ମଗର୍ ଅଛନ୍ । ସାତକୋଶିଆ ଆଉ ଟିକର୍‌ପଡ଼ା ନ ୬୫ ଟା ମଗର୍ ଆଉ ୨୨ ଟା ମଗର୍‌ଛୁଆ ରହିଛନ୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ବିଧାନ୍‌ସଭା- ଶ୍ରମମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଗଲା ୨ ବଛର୍ ଭିତ୍‌ରେ ଶହେ ୫୮ ଝନ୍ ଶ୍ରମିକଙ୍କୁ ବିଦେଶ୍ ନୁ ଫିରେଇ ଆନିଛନ୍ ବଲି ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରମମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ସେ କହିଛନ୍, ଗଲା ୩ ବଛର୍ ଭିତ୍‌ରେ ସର୍‌କାର୍ ୩ ହଜାର୍ ୭ ଶହ ୭୨ ଝନ୍ ଶ୍ରମିକଙ୍କୁ ରାଜ୍ୟ ବାହାରୁ ଫିରେଇ ଆନିଛନ୍ । ୨୦୨୪ ମସିହା ବେଲ୍‌କେ ଶହେ ୩୩ ଝନ୍‌କୁ ଫିରେଇ ଅନାଯାଇଥିଲା ବେଲେ ୨୦୨୫ ମସିହା ବେଲ୍‌କେ ୨୫ ଝନ୍‌କୁ

ଅନାଯାଇଛେ । କେନ୍ଦ୍ରାପଡ଼ା ଜିଲ୍ଲାନୁ ଦୁବାଇ ଯାଇଥିବା ୨୮ ଝନ୍ ଶ୍ରମିକଙ୍କୁ ସର୍କାର୍ ଘର୍କେ ଆନିଛନ୍ ବଲି ଶ୍ରମମନ୍ତ୍ରୀ କହିଛନ୍ ।

ରାଜ୍ୟସଭା ନିର୍ବାଚନ୍ ହି.ସ.

ରାଜ୍ୟସଭା ନିର୍ବାଚନ୍ ଲାଗି ବିଧାନ୍‌ସଭା ପରିସର୍ ନ ସବୁ ଆନୁସଙ୍ଗିକ ପ୍ରସ୍ତୁତି ଶେଷ୍ ଖେପ୍‌ଥି ପୁହୁଁଚିଛେ । ନିର୍ବାଚନ୍ ଲାଗି ବିଧାନ୍‌ସଭାକେ ଆଏଜ୍ ବାଲାଟ୍ ବକ୍ସ ପୁହୁଁଚିଛେ । ୧୬ ତାରିଖ୍ ସଖାଲର୍ ୯ ବଜେ ନୁ ଉପର୍‌ବେଲାର୍ ୪ ବଜେତକ୍ ବିଧାନ୍‌ସଭା ପରିସର୍ ନ ଭୋଟ୍ ଗ୍ରହଣ୍ ହେବା । ଓଡ଼ିଶା ନ ଖାଲିଥିବା ୪ ଟା ରାଜ୍ୟସଭା ଆସନ୍ ଲାଗି ୫ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ ।

ଅମୃତ୍ ଭାରତ୍ ଟ୍ରେନ୍-ଅଶ୍ୱିନୀ ବୈଷ୍ଣବ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଏଜେ ରେଲ୍ ଯୋଗାଯୋଗ୍ ବ୍ୟବସ୍ଥାକେ ଆହୁରି ବର୍କସ୍ କର୍‌ବାର୍ ସହେତେ ପରିବହନ୍ ସୁବ୍ୟବସ୍ଥାକେ ସୁନିଶ୍ଚିତ୍

କର୍‌ବାର୍ ଲାଗି ଗୁଟେ ନୂଆଁ ଅମୃତ୍ ଭାରତ୍ ଟ୍ରେନ୍ ସେବାକେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଅନୁମୋଦନ୍ କରିଛନ୍ । ଇ ବାବ୍‌ଦେ ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ଚିଠି ଜରିଏ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଜନେଇଛନ୍ । କୋଏମ୍ବାଟୁର୍‌ର ପୋତ୍‌ନୁର୍ ଷ୍ଟେସନ୍‌ନୁ ଧାନ୍‌ବାଦ୍‌କେ ଚଲାଚଲ୍ କର୍‌ବାର୍‌କେ ଥିବା ଅମୃତ୍ ଭାରତ୍ ଟ୍ରେନ୍ ଓଡ଼ିଶାର୍ ୯ ଟା ଷ୍ଟେସନ୍ ଦେଇକରି ଯିବା । ଇ ଟ୍ରେନ୍ ଓଡ଼ିଶାର୍ ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ୍, ବଲାଙ୍ଗିର୍, ବର୍‌ଗଡ୍ ରୋଡ୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା ଆଉ ରାଉର୍‌କେଲା ଷ୍ଟେସନ୍ ଦେଇକରି ଚଲାଚଲ୍ କର୍‌ବା । ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି ପ୍ରଧାନ୍‌ମନ୍ତ୍ରୀ ଆଉ ରେଲ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ସିଆଇଏସ୍‌ଏଫ୍ -ଥାପ୍‌ନା ଦିବସ୍    ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ-ସିଆଇଏସ୍‌ଏଫ୍ ଆଏଜ୍ ତାର୍ ୫୭ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ଇ ଅବ୍‌ସରେ ଦେଶ୍‌ବାସୀ ସିଆଇଏସ୍‌ଏଫ୍ ଜବାନ୍ ମାନ୍‌କର୍ ସାହାସ, ସେବା ଆଉ ପ୍ରତିବଦ୍ଧତାକେ କୃତଜ୍ଞତା ଜନେଇଛନ୍ । ସୂଚ୍‌ନା

ଅନ୍‌ସାରେ ଇହାଦେ ଦେଶେ ସିଆଇଏସ୍‌ଏଫ୍ ର ୨ ଲାଖ୍ କର୍ମଚାରୀ ୨୫ ଟା ରାଜ୍ୟ ଆଉ ୫ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ୩ ଶହ ୬୧ ଟା ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସଂସ୍ଥାନ୍‌କେ ସୁରକ୍ଷା ଦଉଛନ୍ । ସିଆଇଏସ୍‌ଏଫ୍‌ର ଥାପ୍‌ନା ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି , ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରମୁଖ୍ ଶୁଭେଚ୍ଛା ଜନେଇଛନ୍ ।

ରନ୍ଧା ଗେସ୍ ବୈଠକ୍      ଆଇ.ଆଣ୍ଡ୍.ପି.ଆର୍

ରାଏଜେ ରନ୍ଧା ଗେସ୍ ଭର୍‌ପୁର୍ ମହଜୁଦ୍ ଅଛେ । ଗେସ୍‌କେ ନେଇକରି ଲୁକେ ଚିନ୍ତା ନାଇଁ କର୍‌ବାର୍‌କେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ପରାମର୍ଶ ଦେଇଛନ୍ । ରନ୍ଧା ଗେସ୍ ଆଉ ପେଟ୍ରୋଲ, ଡିଜେଲ୍‌ର ମହଜୁଦ୍ ଥିତିକେ ନେଇକରି ଶ୍ରୀମତୀ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ନ ଆଏଜ୍ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ସହେତେ ଭିନ୍ ଭିନ୍ ତେଲ୍

କମ୍ପାନୀର୍ କର୍ତୃପକ୍ଷ ଉପସ୍ଥିତ୍ ଥିଲେ । ଗେସ୍ ଆଉ ପେଟ୍ରୋଲ୍, ଡିଜେଲ୍ ଭରପୁର୍ ଥିବାର୍ ବାବ୍‌ଦେ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଯୋଗାଣ ବିଭାଗ୍ ଆଉ ତେଲ କମ୍ପାନୀମାନ୍‌କୁ ଇ ଅବ୍‌ସରେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଏସ୍‌ଆଇଆର୍-ପ୍ରଶିକ୍ଷଣ୍ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ହେବାର୍‌କେ ଥିବା ସ୍ୱତନ୍ତ୍ର ସଘନ୍ ସଂଶୋଧନ୍-ଏସ୍‌ଆଇଆର୍ ପ୍ରକ୍ରିୟାକେ ଠିକ୍ ଭାବେ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଗୋଠପାଟଣା ରାଜସ୍ୱ ଅଧିକାରୀ ତାଲିମ୍ ସଂସ୍ଥାନ୍ ପରିସର୍ ନ ଆଏଜ୍ ନିର୍ବାଚନ ଅଧିକାରୀମାନ୍‌କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌କେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଉଦ୍‌ଘାଟନ୍ କରିଛନ୍ । ପହେଲା ଦିନେ ଆଏଜ୍ ସମ୍ବଲ୍‌ପୁର୍, ବର୍‌ଗଡ୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆଉ ବାଲେଶ୍ୱର୍ ଜିଲ୍ଲାର୍ ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ୍ ଅଧିକାରୀ ଆଉ ଡେପୁଟୀ କଲେକ୍ଟର୍ ମାନେ ଯୋଗ୍ ଦେଇଥିଲେ । ପ୍ରଶିକ୍ଷଣ୍

ସମିଆଥି ଏସ୍ଆଇଆର୍ ପ୍ରକ୍ରିୟା, ଭୋଟର୍ ତାଲିକା ସଂଶୋଧନ୍ ପଦ୍ଧତି, ପୁରୁଣା ଭୋଟର୍ ତାଲିକା ସଙ୍ଗେ ମତାଦାତାଙ୍କର୍ ମେପିଂ, ତଥ୍ୟ ସଂଗ୍ରହ ଆଉ କ୍ଷେତ୍ର ସ୍ତର୍ ନ କାର୍ଯ୍ୟାନ୍ୱୟନ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗଥି ଅଧିକାରୀମାନ୍କୁ ସୂଚ୍ନା ଦିଆଯାଇଥିଲା । ଇ କାର୍ଯ୍ୟକ୍ରମ୍ ଆଏବା ୧୩ ତାରିଖ୍ତକ୍ ଚାଲ୍ବା ।

ସ୍ୱତନ୍ତ୍ର ଜନଶୁଣାଣି ଶିବିର୍ ସମ୍ବଲପୁର ସମ୍ବାଦଦାତା

ଜାତୀୟ ମହିଳା ଆୟୋଗ୍ ଆଉ ରାଜ୍ୟ ମହିଳା ଆୟୋଗଙ୍କର୍ ତର୍ଫୁ ଆଏଜ୍ ସମ୍ବଲ୍ପୁର୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ସ୍ୱତନ୍ତ୍ର ଜନଶୁଣାଣି ଶିବିର୍ ହେଇଯାଇଛେ । ଇ ଅବ୍ସରେ ସମ୍ବଲ୍ପୁର୍, ବର୍ଗଡ଼୍ ଆଉ ଝାର୍ସୁଗୁଡ଼ା ଜିଲ୍ଲାର୍ ଅଭିଯୋଗ୍ମାନ୍କର୍ ଶୁଣାଣି କରାଯାଇଥିଲା । କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କର୍ ଦେଖ୍ରେଖ୍ଥି ହେଇଥିବା ଇ ଶିବିର୍ଥି ମହିଳାଙ୍କର୍ ଘରୋଇ ହିଂସା, ନର୍ଯ୍ୟାତନା, ଯୌତୁକ, ସମ୍ପତି ବିବାଦ୍, କାର୍ଯ୍ୟସ୍ଥଲ୍ ନ ନିର୍ଯ୍ୟାତନା, ସାଇବର୍ ଅପରାଧ୍, ମହିଳା

ଅଧିକାର୍ ଉଲ୍ଲଂଘନ୍ ବାବଦ୍ ୪୯ ଟା ମାମ୍ଲାର୍ ଶୁଣାଣି କରାଯାଇଥିଲା । ଇ ଅବ୍ସରେ ୬ ଟା ମାମ୍ଲାର୍ ଆପୋଷ୍ ସମାଧାନ୍ କରାଯାଇଥିଲା । ଭିନ୍ ଭିନ୍ ମାମ୍ଲାଥି ଲୁକ୍କୁ ନୋଟିସ୍ କରାଯାଇଛେ ବଲି ଶ୍ରୀମତୀ ମହାନ୍ତି କହିଛନ୍...
(ଭଏସ୍ ଓଭର୍ ଶୋଭନା ମହାନ୍ତି)

ତିଖାଲି ମହୋତ୍ସବ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଆଏବା ୧୩ ନୁ ୧୫ ତାରିଖ୍ତକ୍ ତିଖାଲି ମହୋତ୍ସବ୍ ୨୦୨୬ ଆୟୋଜନ୍ କରାଯିବା । ଇ ବାବ୍ଦେ ଆୟୋଜକ କମିଟି ତର୍ଫୁ ସୂଚ୍ନା ଦିଆଯାଇଛେ । ୩ ଦିନିଆ କାର୍ଯ୍ୟକ୍ରମ୍ଥି ସେ ଇଲାକାର୍ ଲୋକକଲା, ସାହିତ୍ୟ,ସଂସ୍କୃତିର୍ ପ୍ରଦର୍ଶନ୍ ଦେଖିବାର୍କେ ମିଲ୍ବା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ବାଲେଶ୍ୱର୍, ଭଦ୍ରକ୍ ଜିଲ୍ଲାର୍ ଗୁଟେ ଦୁଇଟା ଜାଗା ନ ଧୁକା ଗର୍ଡ଼ି ସହେତେ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ରାଜ୍ୟର୍ ବାକି ଇଲାକା ପାଗ୍ ଶୁଖା ରହେବା । ଆଏବା କାଏଲ୍ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଜ୍ୟର୍ ବଡ଼୍‌ଭାଗୀ ଜାଗାର୍ ଦିନର୍ ତାପମାତ୍ରା ଆଏଜ୍ ୩୫ ଡିଗ୍ରୀ ଉପ୍‌ରେ ଥିଲା । ଝାର୍‌ସୁଗୁଡ଼ା ନ ସବୁନୁ ଜହ ୩୯ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।